# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 February - 2025

### News Editor : Itishree Singh Rathaur

*************************************

## <u>ମୁଖ୍ୟ ସମ୍ବାଦ</u>

- ରାଜ୍ୟରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୧ଟି କର୍କଟ ସେବା କେନ୍ଦ୍ର ପ୍ରତିଷ୍ଠା ହେବ; କେନ୍ଦୁଝରରେ କହିଲେ, ମୁଖ୍ୟମନ୍ତ୍ରୀ
- 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଆସନ୍ତାକାଲି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- କଟକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଜାରି

ଏବଂ

- ଘନକୁହୁଡ଼ି ହେବା ନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

# ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ରାଜ୍ୟରେ କର୍କଟ ରୋଗର ଉନ୍ନତ ଚିକିତ୍ସା ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୧୧ଟି କର୍କଟ ସେବା କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିପାଇଁ ୧ ହଜାର ୪୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜରେ ଅନୁଷ୍ଠିତ ଇଣ୍ଡିଆନ୍ ମେଡ଼ିକାଲ ଆସୋସିଏନ'ର ୭୪ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ କରାଯିବ। ଏହାସହ ରାଜ୍ୟରେ ଖୁବ୍ ଶୀଘ୍ର ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ହେବ। ଏହି ଯୋଜନାରେ ହିତାଧିକାରୀ ଦେଶର ପ୍ରାୟ ୨୯ ହଜାର ଅନୁବନ୍ଧିତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, କେନ୍ଦୁଝର ମେଡିକାଲ କଲେଜରେ ଏକ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି।

୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ମସିହା ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ । 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଉପରେ ପର୍ଯ୍ୟବସିତ । ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ଚୟନ କରାଯାଇଛି ।

'ପରୀକ୍ଷା ପେ ଚର୍ଚ୍ଚା'ର ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି ।

ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନେକଙ୍କ ଜୀବନ ପରିବର୍ତ୍ତନ କରିବାରେ ସହାୟକ ହୋଇଛି ବୋଲି ପୁରୀ ଜିଲ୍ଲା ସ୍କୁଲର ଛାତ୍ରୀ ସାହଗ୍ରୀ ବିଶ୍ୱାଳ କହିଛନ୍ତି....

**- V/O -**

ପ୍ରଧାନମନ୍ତ୍ରୀଙ୍କ ଉପଦେଶ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ସମସ୍ତଙ୍କ ପାଇଁ ଉପାଦେୟ ବୋଲି ପୁରୀ ପୁଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର କହନ୍ତି....

**- V/O –**

## ରାଜ୍ୟପାଳ

ଛାତ୍ରଛାତ୍ରୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି କହିଛନ୍ତି । **ପୁରୀ** ଜିଲ୍ଲା ବୀର ନରସିଂହପୁର ଭାର୍ଗବୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଭାର୍ଗବୀ ସୌରଭ ସ୍ମରଣିକାକୁ ଉନ୍ମୋଚନ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି

ଭାବେ ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ-ଜନଶୁଣାଣି

ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତାକାଲି ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣିକୁ ବନ୍ଦ ରଖାଯାଇଛି । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆଜି ଭାରତ-ଇଂଲଣ୍ଡ ମଧ୍ୟରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ମୁକାବିଲା ଜାରି ରହିଛି । ତିନୋଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ବ୍ୟାଟିଂ କରୁଛି ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ୧୩ ଓଭରରେ  ଗୋଟିଏ ଓ୍ୱିକେଟ୍ ହରାଇ ୮୯ ରନ୍ ସଂଗ୍ରହ କରିଛି ।

ବାରବାଟୀ ଷ୍ଟାଡିୟମ୍‌ରୁ ଆମ ସମ୍ବାଦଦାତାଙ୍କ ରିପୋର୍ଟ....

# - V/O –

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

ଉତ୍ତରାଖଣ୍ଡ ଡେରାଡୁନଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଅନିମେଶ କୁଜୁରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଆଥଲେଟିକ୍ ବର୍ଗର ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ଶ୍ରୀ କୁଜୁରୁ ଏହି ସଫଳତା ପାଇବା ସହ ଦୂରତ୍ୱକୁ ୧୦ ଦଶମିକ ୨/୮ ସେକେଣ୍ଡରେ ସମାପ୍ତ କରଥିଲେ। ସେହିଭଳି ମହିଳା ଲନ୍ ବୋଲ୍ସ୍ ଦଳ ରୌପ୍ୟ ପଦକ ହାସଲ କରିଛି। ଏହାସହ ଓଡ଼ିଶା ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୧୧ଟି କାଂସ୍ୟ ପଦକ ଜିତି ମୋଟ୍ ୨୬ଟି ପଦକ ହାସଲ କରିଛି।

# ଗ୍ରାମୀଣ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଗ୍ରାମୀଣ ସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ଜାତୀୟସ୍ତରରେ ସାମିଲ କରିବା ପାଇଁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ଖେଳ ସମାରୋହର ଆଜି ହେଉଛି ଦ୍ୱିତୀୟ ଦିନ। ଏକଲ ସ୍କୁଲ ଅଭିଯାନରେ ଚଳିତ ବର୍ଷ ପ୍ରଥମଥର ପାଇଁ ଓଡ଼ିଶାରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏଥିରେ ୨୮ଟି ରାଜ୍ୟର ୧ ହଜାର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସମେତ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିୟାଣା, ବିହାର, ମହାରାଷ୍ଟ୍ର, ଆସାମ ଆଦି ରାଜ୍ୟରୁ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଆସନ୍ତାକାଲି ଉଦଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟସୂଚୀ ରହିଛି।

# ନିଟ୍ ୟୁଜି ପରୀକ୍ଷା

ମେଡ଼ିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି ଆସନ୍ତା ମେ’ ମାସ ୪ ତାରିଖରେ ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ) ଦେଇଥିବା ସୂଚନା ଅନୁଯାୟୀ ଏହି ପରୀକ୍ଷା ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଆବେଦନ ପ୍ରକ୍ରିୟା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏପ୍ରିଲ ୨୬ ତାରିଖ ସୁଦ୍ଧା ପରୀକ୍ଷା କେନ୍ଦ୍ର ନାମ ଘୋଷଣା ହେବା ସହ ମେ’ ପହିଲାରେ ଆଡମିଟ କାର୍ଡ ଉପଲବ୍ଧ ହେବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି ।

## ମାଟ୍ରିକ୍ ପରୀକ୍ଷା

ରାଜ୍ୟରେ ଆସନ୍ତା ୨୧ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। **ଗଞ୍ଜାମ** ଜିଲ୍ଲାରେ ପରୀକ୍ଷା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାର ୨୧୭ଟି କେନ୍ଦ୍ରରେ ମୋଟ୍ ୪୩ ହଜାର ୪୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପ୍ରଶ୍ନପତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ୧୬ଟି ନୋଡାଲ୍ ସେଣ୍ଟର କରାଯାଇଛି। ପରୀକ୍ଷାରେ ସ୍ୱଚ୍ଛତା ଏବଂ କପିକୁ ରୋକିବା ପାଇଁ ସମସ୍ତ କେନ୍ଦ୍ରରେ ସିସିଟିଭି ସଂଯୋଗ କରାଯାଇଥିବା ସୂଚନା ମିଳିଛି।

## ବୁଦ୍ଧଖୋଲ ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ବୁଗୁଡ଼ାସ୍ଥିତ ବୁଦ୍ଧଖୋଲ ପାହାଡ଼ ପାଦଦେଶରେ ବୁଦ୍ଧଖୋଲ ମହୋତ୍ସବ ଆରମ୍ଭ ହୋଇଛି। ମହୋତ୍ସବରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ

ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ।

## ସନ୍ଥକବି

**ସୁବର୍ଣ୍ଣପୁର** ଜିଲ୍ଲାର ସଂସ୍କୃତି ଭବନ ପ୍ରେକ୍ଷାଳୟଠାରେ ମୂଳ ନିବାସୀ ସାହିତ୍ୟ ଆଖଡା ପକ୍ଷରୁ ସାରସ୍ୱତ ସମାରୋହ ମାଘମେଳି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ଥକବି ଭୀମ ଭୋଇଙ୍କ ସାହିତ୍ୟ, ଦର୍ଶନ ଓ ଜୀବନ ସହ ମହିମା ଧର୍ମର ସମସାମୟିକ ବୌଦ୍ଧିକତା ଓ ପ୍ରାସଙ୍ଗିକତା ଉପରେ ଆଲୋଚନା କରାଯାଇଛି।

## ମାଘମେଳା

ସନ୍ଥକବି ଭୀମ ଭୋଇଙ୍କ ସମାଧିପୀଠ **ସୁବର୍ଣ୍ଣପୁର** ଜିଲ୍ଲାର ଖଲିଆପାଲିଠାରେ ଆଜିଠାରୁ ପବିତ୍ର ମାଘ ମେଳା ଅନୁଷ୍ଠିତ ହେଉଛି। ବିଭିନ୍ନ ସ୍ଥାନରୁ ହଜାର ହଜାର ସାଧୁସନ୍ନ୍ୟାସୀ, ମହିମାଧର୍ମାବଲମ୍ବୀ ଓ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳୁଛି। ଯାତ୍ରା କମିଟି ପକ୍ଷରୁ ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।  ସୂଚନାଯୋଗ୍ୟ, ୧୮୭୭ ମସିହାରୁ ସୋନପୁର ଗଡଜାତ ରାଜ୍ୟର ଖଲିଆପଲୀଠାରେ ଭୀମ ଭୋଇ ଆଶ୍ରମ ସ୍ଥାପନ କରି ମହିମା ଧର୍ମର ପ୍ରଚାର ପ୍ରସାର କରିଥିଲେ। ସେହିଦିନଠାରୁ ପ୍ରତ୍ୟେକବର୍ଷ ମାଘମାସର ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀରେ ଏହି ସ୍ଥାନରେ ମାଘ ମେଳା ଅନୁଷ୍ଠିତ ହୋଇଆସୁଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ମେଳା ଆସନ୍ତା ୧୩ ତାରିଖରେ ଶେଷ ହେବ।

**ଭଦ୍ରକ** ଜିଲ୍ଲାରେ ଦେବରକୁଣ୍ଡ ମେଳା ଆରମ୍ଭ ହୋଇଛି । ଜିଲ୍ଲାର କାଉପୁର ଓ ଦଇସିଂଘ ପଞ୍ଚାୟତ ମଝିରେ ସାଳନ୍ଦୀ ନଦୀର ମଧ୍ୟସ୍ଥଳରେ ରହିଛି, ଦେବର କୁଣ୍ଡ ଓ ସୀତା କୁଣ୍ଡ । କିମ୍ବଦନ୍ତୀ ଅନୁଯାୟୀ, ରାମସୀତାଙ୍କ ବନବାସବେଳେ ସୀତାଙ୍କ ସ୍ନାନ ପାଇଁ ଲକ୍ଷ୍ମଣ ଶର ମୂନରେ କୁଣ୍ଡଟିଏ ସୃଷ୍ଟି କରିଥିଲେ । ତେଣୁ ଲୋକମୁଖରେ ଏହାକୁ ଦେବର କୁଣ୍ଡ ବୋଲି କୁହାଯାଇଥାଏ । ଶ୍ରଦ୍ଧାଳୁ ଏଠାରେ ବୁଡ଼ ପକାଇଲେ ରୋଗରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି ।

# ପାଣିପାଗ

ରାଜ୍ୟରେ ଥଣ୍ଡା ସାମାନ୍ୟ ବୃଦ୍ଧି ପାଇଛି । ସର୍ବନିମ୍ନ ରାତି ତାପମାତ୍ରା ଗତକାଲି ରାଉରକେଲାଠାରେ ୮ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆସନ୍ତାକାଲିଠାରୁ ରାତି ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦୁଇଦିନ ପର୍ଯ୍ୟନ୍ତ କୁହୁଡିର ପ୍ରଭାବ ପରିଲକ୍ଷିତ ହେବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ କୋରାପୁଟ, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ  ପାଣିପାଗ ବିଜ୍ଞାନ କେନ୍ଦ୍ର  ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

********************************